# ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର

**NMMS**

## ଜାତୀୟ ଆୟଭିତ୍ତିକ ମେଧା ବୃତ୍ତି ପରୀକ୍ଷା, ୨୦୧୮-୧୯

୨୦୧୮-୧୯ ଶିକ୍ଷା ବର୍ଷରେ ୩୩୧୪ଟି ଜାତୀୟ ଆୟଭିତ୍ତିକ ମେଧାବୃତ୍ତି ପାଇଁ ରାଜ୍ୟ ସରକାରୀ/ସରକାରୀ ସାହାଯ୍ୟପ୍ରାପ୍ତ/ପୌର ପରିଚାଳିତ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଯୋଗ୍ୟ ଛାତ୍ରଛାତ୍ରୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି । ଏଥିପାଇଁ ଚଳିତ **୨୦୧୮ ନଭେମ୍ବର ୦୪ ତାରିଖ (ରବିବାର)** ଦିନ ନିମ୍ନ ବିବରଣୀ ଅନୁସାରେ ପରୀକ୍ଷା ଅନୁଷ୍ଠିତ ହେବ ।

**ପରୀକ୍ଷା :** ୨୦୧୮-୧୯ ବର୍ଷ ପାଇଁ ଆୟଭିତ୍ତିକ ଜାତୀୟ ମେଧା ବୃତ୍ତି ପରୀକ୍ଷା ଗୋଟିଏ ପର୍ଯ୍ୟାୟରେ ଅନୁଷ୍ଠିତ ହେବ ।

**ପରୀକ୍ଷା ଦେୟ :** ଏହି ପରୀକ୍ଷା ନିମନ୍ତେ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ । କିନ୍ତୁ ପ୍ରାର୍ଥୀମାନେ ପରୀକ୍ଷା କେନ୍ଦ୍ରକୁ ଯିବା ଆସିବା ଖର୍ଚ୍ଚ ନିଜେ ବହନ କରିବେ ।

**ପରୀକ୍ଷା ଦେବା ପାଇଁ ସର୍ବନିମ୍ନ ଯୋଗ୍ୟତା :** ଆୟଭିତ୍ତିକ ଜାତୀୟ ମେଧାବୃତ୍ତି ପରୀକ୍ଷା ଦେବାପାଇଁ ପ୍ରାର୍ଥୀ ଗତ ସପ୍ତମ ଶ୍ରେଣୀ ବାର୍ଷିକ ପରୀକ୍ଷାରେ ସର୍ବନିମ୍ନ ୫୫ (ପଞ୍ଚାବନ) ପ୍ରତିଶତ ନମ୍ବର ରଖି ଅଷ୍ଟମ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ । ସଂରକ୍ଷିତ ବର୍ଗ ପାଇଁ ଏଥିରେ ୫ ପ୍ରତିଶତ କୋହଳ କରାଯିବ ଅର୍ଥାତ୍ ସେଭଳି ପ୍ରାର୍ଥୀଙ୍କ ପାଇଁ ୫୦ (ପଚାଶ) ପ୍ରତିଶତ ନମ୍ବର ରଖି ଅଷ୍ଟମ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ ।

ପ୍ରାର୍ଥୀ ୨୦୧୮-୧୯ ଶିକ୍ଷାବର୍ଷରେ ରାଜ୍ୟର ସରକାରୀ/ସରକାରୀ ସାହାଯ୍ୟପ୍ରାପ୍ତ / ପୌରପରିଚାଳିତ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଆବଶ୍ୟକ ।

**କେନ୍ଦ୍ରୀୟ** ବିଦ୍ୟାଳୟ, ଜବାହର ନବୋଦୟ ବିଦ୍ୟାଳୟ, ସୈନିକ ସ୍କୁଲରେ ପଢୁଥିବା ଛାତ୍ରଛାତ୍ରୀ ଏ ବୃତ୍ତି ପାଇବା ପାଇଁ ଯୋଗ୍ୟ ନୁହଁନ୍ତି । ସେହିପରି **ସରକାରୀ ଆବାସିକ ବିଦ୍ୟାଳୟ**, ଅନୁସୂଚିତ ଜାତି/ଜନଜାତି ଉନ୍ନୟନ ବିଭାଗଙ୍କ ଅଧୀନସ୍ଥ ଆବାସିକ ବିଦ୍ୟାଳୟ, କସ୍ତୁରବା ବାଳିକା ବିଦ୍ୟାଳୟ ଇତ୍ୟାଦି ଯେଉଁଠାରେ ଛାତ୍ରଛାତ୍ରୀଙ୍କର ଖର୍ଚ୍ଚ ରାଜ୍ୟ ସରକାର ବହନ କରୁଥିବେ, ସେଭଳି ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ପ୍ରାର୍ଥୀମାନେ ଏହି ଯୋଜନା ଅଧୀନରେ ବୃତ୍ତି ପାଇଁ ଯୋଗ୍ୟ ହେବେ ନାହିଁ ।

ପ୍ରାର୍ଥୀଙ୍କ ପିତାମାତାଙ୍କ ବାର୍ଷିକ ଆୟ ସମସ୍ତ ସୂତ୍ରରୁ ଟ. ୧,୫୦,୦୦୦.୦୦ (ଏକ ଲକ୍ଷ ପଚାଶ ହଜାର ଟଙ୍କାମାତ୍ର)ରୁ ଅଧିକ ହୋଇ ନଥିବ ।

**ଓଡ଼ିଶା ପାଇଁ ବୃତ୍ତି ସଂଖ୍ୟା :** ସମୁଦାୟ ୩୩୧୪ ଟି ବୃତ୍ତିକୁ ରାଜ୍ୟର ୩୦ଟି ଜିଲ୍ଲା ମଧ୍ୟରେ ଆବଣ୍ଟନ କରାଯିବ । ପ୍ରତ୍ୟେକ ଜିଲ୍ଲା ପାଇଁ ଅନୁସୂଚିତ ଜାତି, ଜନଜାତି, ସାମାଜିକ ଅର୍ଥନୈତିକ ଅନଗ୍ରସର ବର୍ଗ (SEBC) ଓ ଶାରୀରିକ ଭିନ୍ନକ୍ଷମ ବର୍ଗର ପ୍ରାର୍ଥୀଙ୍କ ପାଇଁ ଆରକ୍ଷଣ ବ୍ୟବସ୍ଥା ରହିଛି ।

**ପରୀକ୍ଷାର ବିଷୟ :** ଏହି ପରୀକ୍ଷା ଦୁଇଟି ପତ୍ର (paper) ବିଶିଷ୍ଟ ହେବ ।

| ପରୀକ୍ଷଣ | ପୂର୍ଣ୍ଣସଂଖ୍ୟା | ପ୍ରଶ୍ନସଂଖ୍ୟା | ଅବଧି |
|---|---|---|---|
| ମାନସିକ ଦକ୍ଷତାପରୀକ୍ଷଣ | ୯୦ | ୯୦ | ୯୦ମିନିଟ୍ |
| ବିଷୟଗତ ଦକ୍ଷତା ପରୀକ୍ଷଣ | ୯୦ | ୯୦ | ୯୦ମିନିଟ୍ |

**୧ମ ପତ୍ର :** ମାନସିକ ଦକ୍ଷତା ପରୀକ୍ଷଣ (Mental Ability Test) : ଏହି ପତ୍ରରେ ବହୁ ବିକଳ୍ପ ଉତ୍ତର ବିଶିଷ୍ଟ (Multiple choice) ୯୦ଟି ପ୍ରଶ୍ନ ରହିବ । ଏଗୁଡ଼ିକ ମାନସିକ ଦକ୍ଷତାର ବିଭିନ୍ନ ବିଭବ ଯଥା:ଯୁକ୍ତି (Reasoning), ସାଦୃଶ୍ୟ (Analogy), ଶ୍ରେଣୀ ବିଭାଗ (Classification), ସାଂଖ୍ୟିକ କ୍ରମ (Numerical series), ଢାଞ୍ଚା ଉପଲବ୍ଧି (Pattern Perception), ଲୁକ୍କାୟିତ ଚିତ୍ର (Hidden figure) ଇତ୍ୟାଦି ଉପରେ ପର୍ଯ୍ୟବେସିତ । ଏଗୁଡ଼ିକୁ ୯୦ ମିନିଟରେ ଉତ୍ତର ଦେବାକୁ ହେବ ।

**୨ୟ ପତ୍ର :** ବିଷୟଗତ ଦକ୍ଷତା (Scholastic Aptitude Test) : ଏହି ବିଭାଗରେ ଗଣିତ, ପଦାର୍ଥବିଜ୍ଞାନ, ରସାୟନ ବିଜ୍ଞାନ, ଜୀବବିଜ୍ଞାନ, ଇତିହାସ, ଭୂଗୋଳ, ନାଗରିକବିଜ୍ଞାନ ଓ ଅର୍ଥନୀତି ଇତ୍ୟାଦି ବିଷୟରୁ ୯୦ଟି ବହୁ ବହୁବିକଳ୍ପ ପ୍ରଶ୍ନ ରହିବ । ଏଗୁଡ଼ିକୁ ୯୦ ମିନିଟ୍ ମଧ୍ୟରେ ଉତ୍ତର ଦେବାକୁ ହେବ ।

**ପରୀକ୍ଷା ନିମନ୍ତେ ପାଠ୍ୟ ବିଷୟ :** ଏହି ପରୀକ୍ଷା ପାଇଁ କୌଣସି ନିର୍ଦ୍ଦିଷ୍ଟ ପାଠ୍ୟ ବିଷୟ ନାହିଁ । ତେବେ ପ୍ରଶ୍ନଗୁଡ଼ିକ ୭ମ ଓ ୮ମ ଶ୍ରେଣୀର ପାଠ୍ୟ ବିଷୟକୁ ନେଇ ଗଠିତ ହୋଇପାରେ ।

**ଚୟନ ପ୍ରକ୍ରିୟା :** ଏହି ପରୀକ୍ଷାରେ ପ୍ରାର୍ଥୀଙ୍କୁ ୧ମ ପତ୍ର (MAT) ରେ ୨ୟ ପତ୍ର (SAT) ରେ ମିଶିକରି ୪୦ (ଚାଳିଶ) ପ୍ରତିଶତ ନମ୍ବର ଭାବେ ରଖିବାକୁ ପଡ଼ିବ । ତେବେ ସଂରକ୍ଷିତ ବର୍ଗ ପ୍ରାର୍ଥୀମାନଙ୍କ ପାଇଁ ଉଭୟ ପତ୍ରରେ ମିଶିକରି ୩୨ (ବତିଶ) ପ୍ରତିଶତ ନମ୍ବର ରଖିବାକୁ ହେବ । ଉଭୟ ପତ୍ରରେ ରଖିଥିବା ମୋଟ ନମ୍ବରକୁ ନେଇ ପ୍ରାର୍ଥୀମାନଙ୍କର ମେଧା ତାଲିକା ପ୍ରସ୍ତୁତ କରାଯିବ ।

**ବୃତ୍ତି ପରିମାଣ ଓ ଅବଧି :** ମନୋନୀତ ପ୍ରାର୍ଥୀମାନେ ବୃତ୍ତି ପରିସରଭୁକ୍ତ ଅନୁଷ୍ଠାନରେ ପାଠପଢ଼ାର ସନ୍ତୋଷଜନକ ଅଗ୍ରଗତି ଆଧାରରେ ନବମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ମାସିକ ୧୦୦୦ଟଙ୍କା ହିସାବରେ ବୃତ୍ତି ପାଇବେ ।

- ଛାତ୍ରଛାତ୍ରୀ ସଫଳତାର ସହ ୮ମ ଶ୍ରେଣୀରୁ ୯ମଶ୍ରେଣୀକୁ ଉତ୍ତୀର୍ଣ୍ଣ ହୋଇଥିବେ ।
- ଡିପ୍ଲୋମା ବା ସାର୍ଟିଫିକେଟ୍ କୋର୍ସ କରୁଥିବା ପିଲାମାନେ ଏହି ବୃତ୍ତି ପାଇବାକୁ ଯୋଗ୍ୟ ହେବେ ନାହିଁ ।
- ବୃତ୍ତି ପାଇବା ପାଇଁ ଛାତ୍ରଛାତ୍ରୀ ୯ମ ରୁ ୧୦ମ କୁ ଏବଂ ଏକାଦଶ ରୁ ଦ୍ୱାଦଶ ଶ୍ରେଣୀକୁ ସଫଳତାର ସହ ୫୫% (୫% କୋହଳ ସଂରକ୍ଷିତ ବର୍ଗ ପାଇଁ) ନମ୍ବର ରଖିଥିବ ଏବଂ ୧୦ମ ଶ୍ରେଣୀରେ ୬୦% ନମ୍ବର ରଖିବା ଆବଶ୍ୟକ । ଛାତ୍ରଛାତ୍ରୀମାନେ ବୃତ୍ତି ପାଇବା ପାଇଁ ପ୍ରତି ବର୍ଷ ମେ ମାସର ୩୦ ତାରିଖ ସୁଦ୍ଧା ସେମାନେ ଅଷ୍ଟମ ଶ୍ରେଣୀ ପଢ଼ିଥିବା

ସ୍କୁଲର ପ୍ରଧାନଶିକ୍ଷକଙ୍କ ନିକଟରେ ପାଠପଢ଼ାର ସନ୍ତୋଷଜନକ ଅଗ୍ରଗତି ଓ ବାର୍ଷିକ ପରୀକ୍ଷାର ମାର୍କସିଟ୍ ଦାଖଲ କରିବେ ନଚେତ୍ ବୃତ୍ତି ପାଇବାରୁ ବଞ୍ଚିତ ହେବେ।

ବୃତ୍ତି ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ଛାତ୍ରଛାତ୍ରୀମାନଙ୍କର Bank Account Number କୁ ସେହି ସ୍କୁଲ୍‌ର ପ୍ରଧାନଶିକ୍ଷକମାନେ ପ୍ରତି ବର୍ଷ ମେ ମାସର ୩୦ ତାରିଖ ପୂର୍ବରୁ National Scholarship Portal ରେ Online ପୂରଣ କରିବେ।

**ପରୀକ୍ଷା କେନ୍ଦ୍ର :** ଏହି ପରୀକ୍ଷା ରାଜ୍ୟର ଜିଲ୍ଲା ସଦର ମହକୁମା ରେ ଥିବା ସରକାରୀ ମହାବିଦ୍ୟାଳୟ ଏବଂ ସରକାରୀ ଉଚ୍ଚ ବିଦ୍ୟାଳୟମାନଙ୍କରେ ଅନୁଷ୍ଠିତ ହେବ।

**ଆବେଦନ କରିବେ କିପରି :** ଆବେଦନ ପ୍ରଣାଳୀ ଜାଣିବା ପାଇଁ TE and SCERT ର USER MANNUAL ଦେଖନ୍ତୁ। ଛାତ୍ରଛାତ୍ରୀ TE and SCERT ର ୱେବ୍‌ସାଇଟ୍ www.scertodisha.nic.in କୁ Login କରି ଅନଲାଇନ୍ ଆବେଦନ ପତ୍ର ପୂରଣ କରିପାରିବେ। ଫର୍ମ ପୂରଣ କରିସାରିବା ପରେ ଡାଉନ୍‌ଲୋଡ୍ କରି ପ୍ରିଣ୍ଟଆଉଟ୍ ନେବେ। ଫର୍ମରେ ଥିବା ଉଦ୍ଦିଷ୍ଟ ସ୍ଥାନରେ ପିତାମାତାଙ୍କର ଆବଶ୍ୟକୀୟ ଘୋଷଣାନାମା ଲେଖି ଦସ୍ତଖତ କରି ସ୍କୁଲ୍‌ରେ ଦାଖଲ କରିବେ। ସ୍କୁଲ୍‌ର ମୁଖ୍ୟ ସ୍କୁଲ୍ ପାଇଁ ଉଦ୍ଦିଷ୍ଟ ଆବଶ୍ୟକୀୟ ବିବରଣୀ ପୂରଣ କରି ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିକଟରେ ଫର୍ମଗୁଡ଼ିକ ଦାଖଲ କରିବେ। ଜିଲ୍ଲା ଶିକ୍ଷା ଅଧିକାରୀ ଫର୍ମଗୁଡ଼ିକୁ ଉପଯୁକ୍ତ ଭାବରେ ଯାଞ୍ଚକରି Validate କରିବେ। ପ୍ରବେଶ ପତ୍ର ଗୁଡ଼ିକ ବିଦ୍ୟାଳୟ/ଛାତ୍ରଛାତ୍ରୀମାନେ ଡାଉନ୍‌ଲୋଡ୍ କରିପାରିବେ।

**ସମୟ ନିର୍ଘଣ୍ଟ :**

| | |
|---|---|
| ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଅନ୍‌ଲାଇନ୍ ଆବେଦନର ପତ୍ର ପୂରଣ | ୦୭.୦୮.୨୦୧୮ ରୁ ୨୫.୦୮.୨୦୧୮ |
| ଛାତ୍ରଛାତ୍ରୀଙ୍କ ପ୍ରଧାନ ଶିକ୍ଷକଙ୍କ ନିକଟରେ ଆବେଦନ ପତ୍ର ଦାଖଲର ଶେଷ ତାରିଖ | ୩୧.୦୮.୨୦୧୮ |
| ପ୍ରଧାନ ଶିକ୍ଷକଙ୍କ ଦସ୍ତଖତ ଓ ମୋହର ସହ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିକଟରେ ଆବେଦନପତ୍ର ଦାଖଲ | ୦୭.୦୯.୨୦୧୮ |
| ଆବେଦନ ପତ୍ର ଶିକ୍ଷା ଅଧିକାରୀଙ୍କ ଦ୍ୱାରା ଅନ୍‌ଲାଇନ୍ Validation ର ଶେଷ ତାରିଖ | ୧୭.୦୯.୨୦୧୮ |
| ବିଦ୍ୟାଳୟ / ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରବେଶ ପତ୍ର ଡାଉନ୍‌ଲୋଡ୍ କରିବା | ୨୨.୧୦.୨୦୧୮ ରୁ |
| SCERT ଦ୍ୱାରା ରୋଲ୍ ସିଟ୍ ପରୀକ୍ଷା କେନ୍ଦ୍ରକୁ ପ୍ରେରଣ | ୨୭.୧୦.୨୦୧୮ |
| ପରୀକ୍ଷାର ତାରିଖ | ୦୪.୧୧.୨୦୧୮ |

**ଆବଶ୍ୟକୀୟ ପ୍ରମାଣ ପତ୍ର ଦାଖଲ :** ଛାତ୍ରଛାତ୍ରୀମାନେ ଆବଶ୍ୟକୀୟ ପ୍ରମାଣପତ୍ର ସହିତ ଆବେଦନପତ୍ର ଦାଖଲ କରିବେ।

ଅନୁସୂଚିତଜାତି ଓ ଜନଜାତି (SC/ST) ଏବଂ ସାମାଜିକ ଅର୍ଥନୈତିକ ଅନଗ୍ରସର ବର୍ଗର (SEBC) ପ୍ରାର୍ଥୀମାନଙ୍କର ଜାତିଗତ ପ୍ରମାଣପତ୍ର ଏବଂ ପିତାମାତାଙ୍କର ଆୟର ପ୍ରମାଣପତ୍ର ତହସିଲ୍‌ଦାର୍ ବା ଅତିରିକ୍ତ ତହସିଲ୍‌ଦାରଙ୍କ ଠାରୁ ଓ ଭିନ୍ନକ୍ଷମ ପ୍ରାର୍ଥୀମାନଙ୍କର ପ୍ରମାଣପତ୍ର ଜିଲ୍ଲା ମେଡ଼ିକାଲ୍ ବୋର୍ଡ଼ ଦ୍ୱାରା ପ୍ରାପ୍ତ ହେବା ବାଞ୍ଛନୀୟ। ଆୟ ପ୍ରମାଣପତ୍ର ନଥିବା ସ୍ଥଳେ ରାସନ କାର୍ଡ, ବିପିଲ କାର୍ଡ, ଅନ୍ନପୂର୍ଣ୍ଣା ଅନ୍ତୋର୍ଦୟ ଯୋଜନା, ମୋ କୁଡ଼ିଆ ଯୋଜନା ସମ୍ବନ୍ଧୀୟ ପ୍ରମାଣପତ୍ର ସଂଲଗ୍ନ କରିପାରିବେ। ଏହି କାର୍ଡ ଗୁଡ଼ିକ କେବଳ ଛାତ୍ରଛାତ୍ରୀଙ୍କର ବାପା କିମ୍ବା ମାଙ୍କ ନାମରେ ଥିବା ଆବଶ୍ୟକ। ନଚେତ୍ ଏହା ଗ୍ରହଣଯୋଗ୍ୟ ହେବ ନାହିଁ।

ଅନ୍‌ଲାଇନ୍ ମାଧ୍ୟମରେ ଦରଖାସ୍ତ କରିଥିବା ଦରଖାସ୍ତର ଅବିକଳ ନକଲ ସହିତ ସମ୍ପୃକ୍ତ ଉପର ଲିଖିତ ତଥ୍ୟ ସମ୍ବଳିତ ଫର୍ଦ୍ଦଟି (document) ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀ ଓ ପ୍ରାର୍ଥୀଙ୍କ ଦ୍ୱାରା ସାକ୍ଷରିତ ହୋଇ ୩୧.୦୮.୨୦୧୮ ସୁଦ୍ଧା ପହଞ୍ଚିବା ବାଞ୍ଛନୀୟ। ଏହାର ପରବର୍ତ୍ତୀ ସମୟରେ ପହଞ୍ଚିବା ଦରଖାସ୍ତଗୁଡ଼ିକୁ ଗ୍ରହଣ କରାଯିବ ନାହିଁ।

**ନିର୍ଦ୍ଦେଶକ**
**ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା**
**ଓ ପ୍ରଶିକ୍ଷଣ ପରିଷଦ ଓଡ଼ିଶା, ଭୁବନେଶ୍ୱର**